## କେନ୍ଦୁଝର : ମାର୍ଚ୍ଚ ୯ରେ ଡିମ୍ପୋ ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

କେନ୍ଦୁଝର, ତା 4/3. କେନ୍ଦୁଝର ଜିଲ୍ଲା ପ୍ରଶାସନ, କେନ୍ଦୁଝର ,ଏବଂ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ତଥା ଆଦର୍ଶ ବୃତି ଚୟନ କେନ୍ଦ୍ର କେନ୍ଦୁଝର ଆନୁକୂଲ୍ୟରେ ତା ୦୯.୦୩.୨୦୨୨ରିଖ ଦିନ କେନ୍ଦୁଝର ସ୍କୁଲ୍ ଅଫ ଇଂଜିନିୟରିଂ କେନ୍ଦୁଝର, ଡିମ୍ପୋ ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହେବ । କେନ୍ଦୁଝର ଜିଲ୍ଲାର ନିଯୁକ୍ତି ଆଶାୟୀ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଏହି ନିଯୁକ୍ତି ମେଳାରେ ଅଂଶ ଗ୍ରହଣ କରି ପାରିବେ । ରାଜ୍ୟ ଏବଂ ରାଜ୍ୟ ବାହାରର ଘରୋଇ ସଂସ୍ଥାମାନେ ଏହି ନିଯୁକ୍ତି ମେଳାରେ ସେମାନଙ୍କ ସଂସ୍ଥା ନିମନ୍ତେ ଆବଶ୍ୟକୀୟ ପଦ ପଦବୀ ପାଇଁ ପ୍ରାର୍ଥୀ / ପ୍ରାର୍ଥୀନୀ ଚୟନ କରିବେ । ଉକ୍ତ ନିଯୁକ୍ତି ମେଳାରେ ଯୋଗ ଦେବା ପାଇଁ ପ୍ରାର୍ଥୀ / ପ୍ରାର୍ଥୀନୀମାନଙ୍କର ଶିକ୍ଷାଗତ ଯୋଗ୍ୟତା ପଂଚମ ପାସ୍ ରୁ +୩ (ସ୍ନାତକ) ପାସ୍, ଆଇ.ଟି. ଆଇ., ଡିପ୍ଲୋମା, ଏ.ଏନ୍.ଏମ୍. ଓ ଜି.ଏନ୍.ଏମ୍. ପାସ୍ କରିଥିବା ଆବଶ୍ୟକ ଏବଂ ବୟସ ସୀମା ୧୮ ରୁ ୩୫ ବର୍ଷ ବୟସ ମଧ୍ୟରେ ହୋଇଥିବା ଦରକାର । ଇଚ୍ଛୁକ ଯୁବକ / ଯୁବତୀମାନେ ନିଜ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାର କାର୍ଡ ସହିତ ଉକ୍ତ ମେଳାରେ ତା ୦୯.୦୩.୨୦୨୨ରିଖ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ସମୟ ମଧ୍ୟରେ ଯୋଗ ଦେଇ ପାରିବେ ଏବଂ ଯୋଗ୍ୟ ବିବେଚିତ ହେଲେ ବେସରକାରୀ ସ୍ତରରେ ଥିବା ନିଯୁକ୍ତିର ସୁଯୋଗ ନେଇ ପାରିବେ । ସୂଚନାଯୋଗ୍ୟ ଯେ ଉକ୍ତ ନିଯୁକ୍ତି ମେଳାରେ ପ୍ରାର୍ଥୀ / ପ୍ରାର୍ଥୀନୀମାନଙ୍କ ଯୋଗଦାନ ନିମନ୍ତେ କୌଣସି ଯାତାୟାତ ଖର୍ଚ୍ଚର ବ୍ୟବସ୍ଥା ନାହିଁ । ଜିଲ୍ଲାର ନିଯୁକ୍ତି ଆଶାୟୀ ପ୍ରାର୍ଥୀ / ପ୍ରାର୍ଥୀନୀମାନେ ଉକ୍ତ ନିଯୁକ୍ତି ମେଳାର ସୁଯୋଗ ନେବାକୁ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ତଥା ଆଦର୍ଶ ବୃତି ଚୟନ କେନ୍ଦ୍ର କେନ୍ଦୁଝର ତରଫରୁ ସୂଚନା ଦିଆଯାଇଛି ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ ପ୍ରକାଶ କରିଛନ୍ତି ।

4/3/2022

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର